ଟିପ୍ପଣୀ

# ଏକକ ୮ ଶିକ୍ଷା ପ୍ରତିଷ୍ଠାନଗୁଡିକ ସହ ସମ୍ପର୍କ

ସଂରଚନା

୮.୦ ଉପକ୍ରମ

୮.୧ ଶିକ୍ଷଣ ଉଦ୍ଦେଶ୍ୟ

୮.୨. ଶୈକ୍ଷିକ, ନୀତି ଓ ନିୟମର ସଂକ୍ଷିପ୍ତ ଇତିହାସ

୮.୩. ସର୍ବ ଶିକ୍ଷା ଅଭିଯାନ ( ଏସ୍.ଏସ୍.ଏ.)

୮.୪. ସର୍ବଶିକ୍ଷା ଅଭିଯାନ ଅଧିନରେ ପ୍ରତିଷ୍ଠିତ ଅନୁଷ୍ଠାନ

୮.୫. ବିଦ୍ୟାଳୟ ସହିତ ସରକାରୀ ପ୍ରତିଷ୍ଠାନଗୁଡିକର ମଧ୍ୟରେ ପାରସ୍ପରିକ କ୍ରିୟାର ଉଦାହରଣ

୮.୬. ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଶୈକ୍ଷିକ ପ୍ରତିଷ୍ଠାନ ସମୂହ

୮.୭. ସ୍ୱେଚ୍ଛା କୃତ ଅନୁଷ୍ଠାନ ଗୁଡ଼ିକର ଭୂମିକା

୮.୮. ପ୍ରଧାନ ଶିକ୍ଷକ ଏବଂ ଶିକ୍ଷକ ବନାମ ସମାଜ ପ୍ରତି ପାରସ୍ପରିକ ଭୂମିକା

୮.୯. ସାଂରାଶ

୮.୧୦. ଅତିରିକ୍ତ ଅଧ୍ୟୟନ ପାଇଁ ପୁସ୍ତକ ସୂଚୀ

୮.୧୧. ପାଠାନ୍ତ ପ୍ରଶ୍ନାବଳୀ

## ୮.୦ ଉପକ୍ରମ

ଶିକ୍ଷା କ୍ଷେତ୍ରରେ ସମାଜ ଓ ଗୋଷ୍ଠୀର ଭୂମିକା ଓ ବିଦ୍ୟାଳୟ ସହ ସେମାନଙ୍କର ସମ୍ପର୍କ ବିଷୟରେ ତୁମେ ପୂର୍ବ ପାଠ (ବ୍ଲକ ୧ ଓ ୨) ରେ ପଢ଼ିସାରିଛ । ଦେୟ ମୁକ୍ତ ଓ ବାଧ୍ୟତାମୂଳକ ଶିକ୍ଷା ଆଇନ୍ ୨୦୦୯ ଅଧୀନସ୍ଥ ବ୍ୟବସ୍ଥା ଗୁଡ଼ିକ ବିଦ୍ୟାଳୟରେ କାର୍ଯ୍ୟକାରୀ ହେଉଅଛି । ଏହି ବ୍ୟବସ୍ଥାଗୁଡିକ ବିଦ୍ୟାଳୟ ଓ ଅନ୍ୟାନ୍ୟ ଶିକ୍ଷାନୁଷ୍ଠାନ ମଧ୍ୟସ୍ଥ ସମ୍ପର୍କ ଉପରେ ଧ୍ୟାନ ଦେଉଛି । ବିଦ୍ୟାଳୟର କାର୍ଯ୍ୟଧାରାକୁ ଉନ୍ନତ ଓ ସ୍ୱଚ୍ଛ କରୁଛି । ଏହି ବ୍ୟବସ୍ଥା ମଧ ସମାଜରେ ସକାରାତ୍ମକ ପରିବର୍ତ୍ତନ ଆଣୁଥିବା ସତ୍ୱାଧିକାରୀ ଶିକ୍ଷକମାନଙ୍କ ଭୂମିକା ବିଷୟରେ ଆଲୋକପାତ କରୁଛି ।

## ୮.୧ : ଶିକ୍ଷଣ ଉଦ୍ଦେଶ୍ୟ

ଏହି ଏକକର ପଠନ ଶେଷରେ ତୁମେ ସମର୍ଥ ହେବ :

କ) ବିଭିନ୍ନ ଶିକ୍ଷାନୁଷ୍ଠାନ ତଥା ସ୍ୱେଚ୍ଛାକୃତ ଅନୁଷ୍ଠାନ ଓ ବିଦ୍ୟାଳୟ ସହ ଶିକ୍ଷକମାନଙ୍କର ସମ୍ପର୍କ ବିଷୟରେ ଏକ ସାଧାରଣ ସମୀକ୍ଷା କରିବାରେ ।

ଟିପ୍ପଣୀ

ଖ) ବିଦ୍ୟାଳୟ ଓ ଅନ୍ୟ କେତେକ ପ୍ରତିଷ୍ଠାନ ମଧ୍ୟରେ ଯେଉଁ ସମ୍ପର୍କ ଅଛି, ତାହାର ଏକ ବିବରଣୀ ପ୍ରସ୍ତୁତ କରିବାରେ (ଉଦାହରଣ : ଅନୁଦାନର ରସିଦ, ବାର୍ଷିକ କାର୍ଯ୍ୟ ଯୋଜନାର ପ୍ରସ୍ତୁତି, ଏବଂ ଡି.ଆଇ.ଏସ୍.ଇ. ତଥ୍ୟର ସଂଗ୍ରହ)

## ୮.୨ : ଶୈକ୍ଷିକ ନିୟମ ଓ ନୀତି ସମ୍ବନ୍ଧୀୟ ସଂକ୍ଷିପ୍ତ ଇତିହାସ

ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ବିଦ୍ୟାଳୟ ସହ ଏମାନଙ୍କର ସମ୍ପର୍କ ବିଷୟରେ ସବିଶେଷ ତଥ୍ୟ ଜାଣିବା ପୂର୍ବରୁ, ଶୈକ୍ଷିକ ନୀତି ଓ ନିୟମର ଇତିହାସ ସମ୍ବନ୍ଧରେ ସଂକ୍ଷିପ୍ତ ଭାବାରେ ଜାଣିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ । ଭାରତୀୟ ସମ୍ବିଧାନ ପ୍ରଣେତାମାନେ, ପ୍ରାଥମିକ ଶିକ୍ଷାର ଗଭୀର ଗୁରୁତ୍ୱ ବିଷୟକୁ ଚିହ୍ନଟ କରିଛନ୍ତି । ସମ ସାମୟିକ ଭାବେ, ପ୍ରାଥମିକ ଶିକ୍ଷାକୁ ଏକ ସାମ୍ବିଧାନିକ ଅଧିକାର ରୂପେ ପ୍ରତିପାଦିତ କରିବା ପାଇଁ, ସେମାନେ ବହୁ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି । ତେଣୁ ଧାରା ୪୫ କୁ ସମ୍ବିଧାନରେ ସ୍ଥାନିତ କରାଯାଇଛି । ଏହି ଧାରା ୪୫ ଅନୁସାରେ ରାଜ୍ୟ ସରକାର, ୧୪ ବର୍ଷ ପର୍ଯ୍ୟନ୍ତ ପ୍ରତ୍ୟେକ ଶିଶୁକୁ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ଯୋଗାଇ ଦେବା ପାଇଁ ଆନ୍ତରିକ ଇଚ୍ଛା ପ୍ରକାଶ କରିବା ଉଚିତ୍ । ପ୍ରାଥମିକ ଶିକ୍ଷାକୁ ସାର୍ବଜନୀନ କରିବା ପାଇଁ ଜାତୀୟ ଶିକ୍ଷାନୀତି (୧୯୬୮ ଏବଂ ୧୯୮୬) ଓ କାର୍ଯ୍ୟକାରୀ ନୀତି (୧୯୯୨) ରେ ମଧ୍ୟ ପୁନଶ୍ଚ ପ୍ରତିଶ୍ରୁତି ଦିଆଯାଇଛି । ପ୍ରାଥମିକ ଶିକ୍ଷାକୁ ସାର୍ବଜନୀନ କରିବା ପାଇଁ ଅନେକ ଗୁଡିଏ ଯୋଜନା ଓ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି । ଏହା ମଧ୍ୟରେ ଜିଲ୍ଲା ପ୍ରାଥମିକ ଶିକ୍ଷା କାର୍ଯ୍ୟକ୍ରମ ( ଡିପିଇପି), କଳାପଟା ଅଭିଯାନ (ଓପି), ଅନୌପଚାରିକ ଶିକ୍ଷା (ଏନ୍‌ଏଫ୍‌ଇ), ଶିକ୍ଷକ ଶିକ୍ଷା (ଟିଇ); ମହିଳା ସାମୁକ୍ଷ୍ୟ(ଏମ୍.ଏସ୍); ରାଜ୍ୟ ସ୍ୱତନ୍ତ୍ର ମୌଳିକ ଶିକ୍ଷା ପ୍ରକଳ୍ପ ଯଥା – ଆନ୍ଧ୍ରପ୍ରଦେଶ ପ୍ରାଥମିକ ଶିକ୍ଷା ପ୍ରକଳ୍ପ (ଏପିପିଇପି), ବିହାର ଶିକ୍ଷା ପ୍ରକଳ୍ପ (ବିଇପି), ରାଜସ୍ଥାନରେ ଲୋକ ଜୁମ୍ବିସର (ଏଲ୍.ଜେ.ପି.), ଉତ୍ତର ପ୍ରଦେଶରେ ସମସ୍ତଙ୍କ ପାଇଁ ଶିକ୍ଷା ; ରାଜସ୍ଥାନରେ ଶିକ୍ଷା କର୍ମୀ ପ୍ରକଳ୍ପ (ଏସ୍.କେ.ପି) ଏବଂ ପ୍ରାଥମିକ ଶିକ୍ଷାକୁ ପୁଷ୍ଟି ସହାୟତା – ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ (ଏମ୍.ଡି.ଏମ୍.) ଇତ୍ୟାଦି ଅନ୍ତର୍ଭୁକ୍ତ । ଏହି ସବୁ କାର୍ଯ୍ୟକ୍ରମ ବ୍ୟବସ୍ଥା ଥାଇ ମଧ୍ୟ ପ୍ରାଥମିକ ଶିକ୍ଷାକୁ ସାର୍ବଜନୀନ କରିବାର ଉଦ୍ଦେଶ୍ୟ ସାଧିତ ହୋଇ ପାରୁନାହିଁ ।

୧୯୯୩ ମସିହାରେ ସୁପ୍ରିମ କୋର୍ଟ ନିଷ୍ପତ୍ତି ନେଇଥିଲେ ଯେ, ୧୪ ବର୍ଷ ହେବା ପର୍ଯ୍ୟନ୍ତ ମାଗଣା ଶିକ୍ଷାଲାଭ କରିବା ପ୍ରତ୍ୟେକ ଶିଶୁର ଅଧିକାର । ୧୯୯୮ ମସିହାରେ ତତ୍‌କାଳୀନ ଶିକ୍ଷାମନ୍ତ୍ରୀ ପ୍ରସ୍ତାବ ଦେଇଥିଲେ କି ସାର୍ବଜନୀନ ଶିକ୍ଷାକୁ ଅଭିଯାନ ଢ଼ଙ୍ଗରେ ଆୟୋଜନ କରାଯାଉ । ଫଳତଃ ୨୦୦୧ ମସିହାରେ, ସରକାର ସର୍ବଶିକ୍ଷା ଅଭିଯାନ ପ୍ରାରମ୍ଭ କରିଥିଲେ । ୨୦୦୨ ମସିହାର ୮୬ତମ ସଂଶୋଧିତ ସମ୍ବିଧାନ ଅନୁସାରେ ଆଇନ ସମ୍ମତ ଭାବରେ ପ୍ରତ୍ୟେକ ରାଜ୍ୟ ୬ରୁ ୧୪ ବର୍ଷ ବୟସ ପର୍ଯ୍ୟନ୍ତ ପ୍ରତ୍ୟେକ ପିଲାଙ୍କୁ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ଯୋଗାଇ ଦେବା ଉଚିତ୍ । ସମ୍ବିଧାନର ୮୬ ତମ ସଂଶୋଧନକୁ କାର୍ଯ୍ୟକାରୀ କରାଇବା ପାଇଁ ୨୦୦୯ ମସିହାରେ ଶିକ୍ଷା ଅଧିକାର ଆଇନ ଗୃହୀତ ହୋଇଥିଲା । ଏହି ଶିକ୍ଷାଧିକାର ଆଇନ ୧ ଅପ୍ରେଲ ୨୦୧୦ ମସିହାରେ କାର୍ଯ୍ୟକାରୀ ହୋଇଥିଲା ।

## ୮.୩. ସର୍ବଶିକ୍ଷା ଅଭିଯାନ ( ଏସ୍.ଏସ୍.ଏ.)

ପୃଷ୍ଠଭୂମି : ବିଭିନ୍ନ ପ୍ରଚେଷ୍ଟାର ପରିଣାମ ସ୍ୱରୂପ ଭାରତରେ ଶିକ୍ଷାନୁଷ୍ଠାନ, ଶିକ୍ଷକ ଓ ପ୍ରାଥମିକ ଶିକ୍ଷା ପାଇଁ ଛାତ୍ରମାନଙ୍କ କ୍ଷେତ୍ରରେ ଉତ୍ତମ ଉନ୍ନତିପରିଲକ୍ଷିତ ହୋଇଥିଲା । ମାତ୍ର ଏହି କାର୍ଯ୍ୟକ୍ରମରେ ଅନେକ ଅସୁବିଧା ମଧ୍ୟ ସୃଷ୍ଟି ହୋଇଥିଲା । ଯଥା : ଅଧାରୁ ପାଠ୍ୟ ତ୍ୟାଗ କରୁଥିବା ପିଲା ସଂଖ୍ୟା ବୃଦ୍ଧି, ନିମ୍ନ ଶିକ୍ଷାସ୍ତରେ, ବିଦ୍ୟାଳୟ ଭିତ୍ତିଭୂମିର ଅଭାବ, ନିମ୍ନମାନର ବିଦ୍ୟାଳୟ କାର୍ଯ୍ୟ, ଶିକ୍ଷକ ଅନୁପସ୍ଥିତି, ବହୁ ପରିମାଣର ଶିକ୍ଷକ ପଦ ଖାଲି ରହିବା, ନିମ୍ନମାନର ଶିକ୍ଷା ଓ ସ୍ୱଳ୍ପ ପାଣ୍ଠି । ଫଳତଃ, ୧୦୦ ପ୍ରତିଶତ ଉପସ୍ଥାନ ଓ ଧାରଣ, ଯାହାକି ସାର୍ବଜନୀନ

ପ୍ରାଥମିକ ଶିକ୍ଷାର ମୂଳ ଉଦ୍ଦେଶ୍ୟ, ତାହା ସାଧିତ ହୋଇପାରିଲା ନାହିଁ । ଏହି ସବୁ ଅସୁବିଧାର ସମାଧାନ ସ୍ୱରୂପ ଭାରତ ସରକାର ୨୦୦୧ ମସିହାରେ ସର୍ବଶିକ୍ଷା ଅଭିଯାନ ନାମକ ଏକ କାର୍ଯ୍ୟକ୍ରମର ଆୟୋଜନ କରାଇଥିଲେ ।

ଟିପ୍ପଣୀ

ଏସ୍.ଏସ୍.ଏ. ର ବିଶଦ ବିବରଣୀ:

ଏକ ନିର୍ଦ୍ଦିଷ୍ଟ ସମୟସୀମା ଭିତରେ ସାର୍ବଜନୀନ ପ୍ରାଥମିକ ଶିକ୍ଷା ହାସଲ କରିବା ପାଇଁ ସର୍ବଶିକ୍ଷା ଅଭିଯାନ ଭାରତ ସରକାରଙ୍କର ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ଅଟେ । ଗୋଷ୍ଠୀ ମାଲିକାନା ସହାୟତାରେ ବିଦ୍ୟାଳୟ ବ୍ୟବସ୍ଥାର ସାର୍ବଜନୀନ ପ୍ରାଥମିକ ଶିକ୍ଷା ପ୍ରଦାନ କରିବା ପାଇଁ ଏହା ଏକ ପ୍ରୟାସ । ଏସ୍.ଏସ୍.ଏ. ହେଉଛି କେନ୍ଦ୍ର, ରାଜ୍ୟ ଓ ସ୍ଥାନୀୟ ଶାସନର ଏକ ଭାଗୀଦାରୀ ବ୍ୟବସ୍ଥା । ପଂଚାୟତି ରାଜ ଅନୁଷ୍ଠାନ, ବିଦ୍ୟାଳୟ ପରିଚାଳନା କମିଟି, ଗ୍ରାମ୍ୟ ଓ ସହରାଂଚଳର ବସ୍ତି ସ୍ତରୀୟ ଶିକ୍ଷା କମିଟି, ଅଭିଭାବକ ଶିକ୍ଷକ ସଂଘ, ମାତୃ - ଶିକ୍ଷକ ସଂଘ, ଆଦିବାସୀ ସ୍ୱୟଂ ଶାସିତ ପରିଷଦ ଏବଂ ଅନ୍ୟାନ୍ୟ ତୃଣମୂଳ ସ୍ତରୀୟ ଅନୁଷ୍ଠାନଗୁଡ଼ିକୁ ପ୍ରାଥମିକ ବିଦ୍ୟାଳୟ ପରିଚାଳନାରେ ଫଳପ୍ରଦ ସଂପୃକ୍ତ କରାଇବା ସର୍ବଶିକ୍ଷା ଅଭିଯାନର ଲକ୍ଷ୍ୟ ଅଟେ । ସର୍ବଶିକ୍ଷା ଅଭିଯାନର କାର୍ଯ୍ୟ ପନ୍ଥା ମଧ୍ୟରେ ଅନେକଗୁଡ଼ିଏ ଉନ୍ନତ ଯୋଜନାକୁ ସଂଶ୍ଳିଷ୍ଟ କରାଯାଇଛି- ଯଥା:- ଜାତୀୟ ପ୍ରାଥମିକ ଶିକ୍ଷା ପୁଷ୍ଟି ସହାୟତା କାର୍ଯ୍ୟକ୍ରମ (NPNSPE) ମହିଳା ସାମୂକ୍ଷ୍ୟ, ଜିଲ୍ଲା ପ୍ରାଥମିକ ଶିକ୍ଷା କାର୍ଯ୍ୟକ୍ରମ (DPEP), ନିଶ୍ଚିତ ଶିକ୍ଷା ଯୋଜନା (EGS), ଅଭିନବ/ବିକଳ୍ପ ଶିକ୍ଷା, ଜ୍ଞାନଶାଳା ଇତ୍ୟାଦି ।

ସର୍ବଶିକ୍ଷା ଅଭିଯାନର ମୌଳିକ ଗୁଣାବଳୀ:

ଆନୁଷ୍ଠାନିକ ସଂସ୍କାର

ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ସର୍ବଶିକ୍ଷା ଅଭିଯାନର ଅଂଶୀଦାର ହୋଇଥିବାରୁ ଏହି ସର୍ବଶିକ୍ଷା ଅଭିଯାନର ସଫଳ ରୂପାୟନ ପାଇଁ ବିଭିନ୍ନ ସଂସ୍କାରମୂଳକ ପଦକ୍ଷେପ ନେବା ଆଶା କରାଯାଏ ।

ଗୋଷ୍ଠୀ ସଂପୃକ୍ତି/ମାଲିକାନା :-

ଏହି କାର୍ଯ୍ୟକ୍ରମର ଏକ ସଫଳ ବିକେନ୍ଦ୍ରୀକରଣ ପ୍ରକ୍ରିୟା ମାଧ୍ୟମରେ ବିଦ୍ୟାଳୟ ସ୍ତରୀୟ ବିଭିନ୍ନ କାର୍ଯ୍ୟକ୍ରମରେ ଗୋଷ୍ଠୀ ସଂପୃକ୍ତିକୁ ଗୁରୁତ୍ୱ ଦିଆଯାଇଛି । ଏହି ଗୋଷ୍ଠୀ ସଂପୃକ୍ତିର ମାତ୍ରା ଓ ସ୍ତର ବିଦ୍ୟାଳୟ ପରିଚାଳନା କମିଟି, ପଞ୍ଚାୟତି ରାଜ ଅନୁଷ୍ଠାନ ଓ ଅଭିଭାବକ ସଂଗଠନ ଆଦିର ସ୍ୱେଚ୍ଛାକୃତ ଅଂଶଗ୍ରହଣରୁ ଆକଳନ କରାଯାଏ ।

ଆନୁଷ୍ଠାନିକ କାର୍ଯ୍ୟଦକ୍ଷତା ବୃଦ୍ଧି :

ରାଷ୍ଟ୍ର, ରାଜ୍ୟ ଏବଂ ଜିଲ୍ଲା ସ୍ତରରେ ଥିବା ବିଭିନ୍ନ ଅନୁଷ୍ଠାନ ଯଥା: ଜାତୀୟ ଶୈକ୍ଷିକ ଯୋଜନା ଏବଂ ପ୍ରଶାସନିକ ପ୍ରତିଷ୍ଠାନ (NEPA), ଜାତୀୟ ଶିକ୍ଷା ଗବେଷଣା ଏବଂ ପ୍ରଶିକ୍ଷଣ ପରିଷଦ (NCERT) ଜାତୀୟ ଶିକ୍ଷକ ଶିକ୍ଷା ପରିଷଦ (NCTE), ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ (SCERT), ରାଜ୍ୟ ଶିକ୍ଷା ପରିଚାଳନା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ (SIEMAT) ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ (DIET) ଇତ୍ୟାଦିର କାର୍ଯ୍ୟଦକ୍ଷତା ବୃଦ୍ଧି ପାଇଁ ସର୍ବଶିକ୍ଷା ଅଭିଯାନରେ ବ୍ୟାପକ ବ୍ୟବସ୍ଥା କରାଯାଇଛି ।

ଶୈକ୍ଷିକ ପ୍ରଶାସନ ମୁଖ୍ୟ ସ୍ରୋତର ବିକାଶ:-

ସର୍ବଶିକ୍ଷା ଅଭିଯାନର ମୂଳ ଉଦ୍ଦେଶ୍ୟ ହେଉଛି, ଆନୁଷ୍ଠାନିକ ଉନ୍ନତି ଓ ଅଭିବୃଦ୍ଧି । ନୂତନ ପନ୍ଥାର ସଂଯୋଗ ଓ ଉପଯୁକ୍ତ ମୂଲ୍ୟ ଥିବା ପଦ୍ଧତିକୁ ଗ୍ରହଣ କରି ଶିକ୍ଷା ବ୍ୟବସ୍ଥା ପରିଚାଳନାର ମୂଳ ଉଦ୍ଦେଶ୍ୟକୁ ଅଭିବୃଦ୍ଧି କରାଇବା ।

ଟିପ୍ପଣୀ

ଯୋଜନାର ଏକକ ଭାବେ ବସତି :-

ଗୋଷ୍ଠୀ ଭିତ୍ତିକ ପ୍ରକ୍ରିୟାରେ ପ୍ରତି ବସତିକୁ ଏକକ ଭାବେ ଗ୍ରହଣ କରାଯାଇ ଯୋଜନା ପ୍ରସ୍ତୁତ କରାଯାଉଛି । ଜିଲ୍ଲାସ୍ତରୀୟ ଯୋଜନା ଏହି ବସତି ଭିତ୍ତିକ ଯୋଜନାକୁ ଆଧାର କରି ପ୍ରସ୍ତୁତି କରାଯାଉଛି ।

ଶିକ୍ଷକଙ୍କ ଭୂମିକା :

ଶିକ୍ଷଣ ବ୍ୟବସ୍ଥାରେ ଶିକ୍ଷକଙ୍କ ଗୁରୁ ଦାୟିତ୍ୱ ଏବଂ ଭୂମିକାକୁ ଉପଲବ୍ଧି କରି ସେମାନଙ୍କର ବିକାଶ ପ୍ରକ୍ରିୟାକୁ ଅଗ୍ରାଧିକାର ଦିଆଯାଇଛି । ଆଂଚଳିକ ସାଧନ କେନ୍ଦ୍ର (ସି.ଆର୍.ସି) ଏବଂ ବ୍ଲକ ସାଧନ କେନ୍ଦ୍ର (ବି.ଆର.ଆଇ.) ପ୍ରତିଷ୍ଠା, ଉତ୍ତମ ଯୋଗ୍ୟତା ସମ୍ପନ୍ନ ଶିକ୍ଷକ ନିଯୁକ୍ତି ଶିକ୍ଷକ ପ୍ରଶିକ୍ଷଣ ପାଠ୍ୟକ୍ରମ, ପାଠ୍ୟ ପୁସ୍ତିକା / ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତିରେ ଶିକ୍ଷକମାନଙ୍କର ଅଂଶଗ୍ରହଣ, ଶ୍ରେଣୀଗୃହ ପରିଚାଳନା ସମୟରେ ସେମାନଙ୍କୁ ଆବଶ୍ୟକ ସହାୟତାପ୍ରଦାନ ଏବଂ ଶୈକ୍ଷିକ ପରିଭ୍ରମଣ ଇତ୍ୟାଦି ମାଧ୍ୟମରେ ଶିକ୍ଷକମାନଙ୍କର ଦକ୍ଷତା ବୃଦ୍ଧି ପାଇଁ ବହୁବିଧ ପଦକ୍ଷେପ ଗ୍ରହଣ କରାଯାଇଛି ।

ଜିଲ୍ଲା ପ୍ରାଥମିକ ଶିକ୍ଷା ଯୋଜନା

ସାର୍ବଜନୀନ ପ୍ରାଥମିକ ଶିକ୍ଷା ହାସଲ କରିବା ପାଇଁ ଏକ ଦୀର୍ଘମିଆଦୀ ଦୂରଦୃଷ୍ଟି ସମ୍ପନ୍ନ ଯୋଜନା( ପରସପେକ୍ଟିବ୍ ପ୍ଲାନ୍)କୁ କାର୍ଯ୍ୟକାରୀ କରିବା ପାଇଁ ବାର୍ଷିକ କାର୍ଯ୍ୟ ଯୋଜନା ଏବଂ ବଜେଟ (ଆନୁଆଲ ଓ୍ୱାର୍କ ପ୍ଲାନ ଏବଂ ବଜେଟ୍) ପ୍ରସ୍ତୁତି କରିବା ପାଇଁ ସର୍ବଶିକ୍ଷା ଅଭିଯାନରେ ନିୟମ ରହିଛି । ସର୍ବଶିକ୍ଷା ଅଭିଯାନ କାର୍ଯ୍ୟକ୍ରମ ଅର୍ନ୍ତଭୁକ୍ତ ପ୍ରତ୍ୟେକ ଜିଲ୍ଲା କାର୍ଯ୍ୟାଳୟ ଏହି ବାର୍ଷିକ କାର୍ଯ୍ୟ ଯୋଜନା ଏବଂ ବଜେଟ୍ ପ୍ରସ୍ତୁତି କରୁଛନ୍ତି । ଯେଉଁଥିରେ ଅଗ୍ରାଧିକାର ଭିତିରେ ବିଭିନ୍ନ କାର୍ଯ୍ୟ ଏବଂ ସେଥିପାଇଁ ବ୍ୟୟବରାଦ ଆକଳନ କରାଯାଉଛି । ବିଧି ବ୍ୟବସ୍ଥା ଦୃଷ୍ଟିରୁ ଜିଲ୍ଲା ସ୍ତରୀୟ ବାର୍ଷିକ ଯୋଜନା ଏବଂ ବଜେଟ୍ ବିଧିବଦ୍ଧ ଭାବେ କେନ୍ଦ୍ର ସରକାରଙ୍କ ଅନୁମୋଦନ ଲାଭ କରିବାପରେ କାର୍ଯ୍ୟକାରୀ ହେଉଛି ।

ଶିକ୍ଷାଗତ ଅଧିକାର ଓ ସର୍ବଶିକ୍ଷା ଅଭିଯାନ :

ଶିକ୍ଷା ଅଧିକାର ଆଇନ ଅଧୀନସ୍ଥ, ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା, ୬ ରୁ ୧୪ ବର୍ଷ ବୟସ ପର୍ଯ୍ୟନ୍ତ ଶିଶୁ ମାନଙ୍କର ସାମ୍ବିଧାନିକ ଅଧିକାର ରୂପେ ୨୦୦୯ ମସିହାରେ ସଂସଦରେ ଅନୁମୋଦିତ ହୋଇଥିଲା ।

୮.୪. ଏସ୍.ଏସ୍.ଏ. ଅଧୀନସ୍ଥ ଅନୁଷ୍ଠାନ

ବ୍ଲକ ସାଧନ କେନ୍ଦ୍ର (**BRC**) ବ୍ଲକ ସାଧନ କେନ୍ଦ୍ରଗୁଡିକ ଜିଲ୍ଲା ଶିକ୍ଷା ଅଧିକାରୀ ଏବଂ ବ୍ଲକ ଶିକ୍ଷା ଅଧିକାରୀ ମାନଙ୍କର ମିଳିତ ଉଦ୍ୟମରେ କାର୍ଯ୍ୟକ୍ଷମ ହୋଇଥାନ୍ତି । ବ୍ଲକ ସାଧନ କେନ୍ଦ୍ରଗୁଡିକରେ ୫ ରୁ ୭ ଜଣ କର୍ମଚାରୀ ଆଂଚଳିକ ସାଧନ କେନ୍ଦ୍ର ସହିତ ମିଶି କାର୍ଯ୍ୟ କରିଥାନ୍ତି ।

ବ୍ଲକ ସାଧନ କେନ୍ଦ୍ରମାନଙ୍କର ଭୂମିକା

କ. ଚାକିରିରେ କାର୍ଯ୍ୟରତ ପ୍ରାଥମିକ ଶିକ୍ଷକମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିବା ।

ଖ. ବିଦ୍ୟାଳୟ ପରିଚାଳନା ଓ ଉନ୍ନତି ପାଇଁ ଆଂଚଳିକ ସାଧନ କେନ୍ଦ୍ରକୁ ସହାୟତା ଯୋଗାଇବ ।

ଗ. ଶିକ୍ଷାଧିକାର ଆଇନକୁ କାର୍ଯ୍ୟକାରୀ କରାଇବା ପାଇଁ ଏନ୍.ଜି.ଓ., ସ୍ଥାନୀୟ ପ୍ରତିନିଧି ଓ ବିଜ୍ଞ ଲୋକମାନଙ୍କ ସହ ମିଶି କାର୍ଯ୍ୟ କରିବା ।

ଘ. ବି.ଆର.ସି. ର ସଦସ୍ୟ କର୍ମଚାରୀମାନେ ନିୟମିତ ଭାବେ ବିଦ୍ୟାଳୟ ଗୁଡିକୁ ପରିଦର୍ଶନ ଓ ତଦାରଖ

କରିବା ଉଚିତ୍ । ଶିକ୍ଷାର ମାନ, ଯୋଜନା ଓ ଉନ୍ନତିର ଅଭିବୃଦ୍ଧି କରିବା ପାଇଁ, ବି.ଆର୍.ସି.ର ସଦସ୍ୟମାନେ ଯେଉଁ ସିଦ୍ଧାନ୍ତ ପାଇଥାନ୍ତି, ସେ ସବୁକୁ ସି.ଆର୍.ସି. ସଦସ୍ୟମାନଙ୍କ ସହ ଆଲୋଚନା କରିଥାନ୍ତି ।

ଟିପ୍ପଣୀ

<u>ଆଂଚଳିକ ସାଧନ କେନ୍ଦ୍ର ଗୁଡିକର ଭୂମିକା:</u>

ବିଦ୍ୟାଳୟରେ, ବିଭିନ୍ନ ଶିକ୍ଷାନୁଷ୍ଠାନ ଦ୍ୱାରା ଆୟୋଜିତ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମର ସେମାନେ ପ୍ରତ୍ୟକ୍ଷ ଭାବ ଆଦାନ ପ୍ରଦାନକାରୀ ଅଟନ୍ତି ଏବଂ ଏହା ବ୍ଲକ ସାଧନ କେନ୍ଦ୍ର ଓ - ଏହା ଜିଲ୍ଲା ଶିକ୍ଷାଧିକାରୀ ଓ ବ୍ଲକ ଶିକ୍ଷାଧିକାରୀ ସହ ମିଳିତ ହେଉ ଘନିଷ୍ଠତାର ନିକଟତର ଭାବେ କାର୍ଯ୍ୟ କରିଥାଏ । ଆଂଚଳିକ ସାଧନ କେନ୍ଦ୍ର ଗୁଡିକ ସାଧାରଣତଃ ଏକ ସୁବ୍ୟବସ୍ଥିତ ବିଦ୍ୟାଳୟର ପରିସରରେ ରହିଥାଏ ଓ ପ୍ରତ୍ୟେକ କେନ୍ଦ୍ର ଜଣେ ସଂଯୋଜକ ଅଧିନରେ ୧୫ - ୨୦ ଟି ପ୍ରାଥମିକ ବିଦ୍ୟାଳୟ ଗୁଡିକୁ ସୁବିଧା ଓ ସହଯୋଗ ପରିବେଷଣ କରିଥାଏ । ଯେଉଁ ଆଂଚଳିକ ସାଧନ କେନ୍ଦ୍ର ଅଧୀନରେ ବହୁ ବିଦ୍ୟାଳୟ ପରିସରଭୁକ୍ତ ହୋଇଥାଏ, ସେହି ଆଂଚଳିକ କେନ୍ଦ୍ର ଗୁଡିକରେ ଜଣେ ସଂଯୋଜକ ସହ ଅନ୍ୟ ଜଣେ ସହକାରୀ କର୍ମଚାରୀଙ୍କୁ ନିୟୋଜିତ କରାଯାଇଥାଏ ।

<u>ଆଂଚଳିକ ସାଧନ କେନ୍ଦ୍ର ଗୁଡିକର ଭୂମିକା :</u>

କ. ନିୟମିତ ବିଦ୍ୟାଳୟ ପରିଦର୍ଶନ ଓ ଶ୍ରେଣୀ କକ୍ଷ ସ୍ତରରେ ଶିକ୍ଷକମାନଙ୍କୁ ଆନୁଷ୍ଠାନିକ ସହାୟତା ପ୍ରଦାନ ।

ଖ. ଯଥୋଚିତ ବୟସର ପିଲାମାନଙ୍କୁ ବିଦ୍ୟାଳୟରେ ପ୍ରବେଶ କରାଇବା ।

ଗ. ପ୍ରତିକାର ଯୋଗ୍ୟ ଶିକ୍ଷଣ ଓ ସ୍ୱତନ୍ତ୍ର ଶିକ୍ଷା ପାଇଁ ଶିକ୍ଷକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନ କରିଥାଏ ।

ଘ. ସଂପୃକ୍ତ ଅଂଚଳର ପିଲାମାନଙ୍କୁ ବିଦ୍ୟାଳୟରେ ତାଲିକାଭୁକ୍ତ କରିବା ଓ ବିଦ୍ୟାଳୟ ପରିବେଶରେ ଜଡିତ କରିବାକୁ ଉତ୍ସାହିତ କରିଥାଏ ।

ଙ. ବିଦ୍ୟାଳୟ ପରିଚାଳନା କମିଟି, ଶିକ୍ଷକ, ଅଭିଭାବକ, ଗୋଷ୍ଠୀ ଓ ଅନ୍ୟାନ ବିଜ୍ଞ ଲୋକମାନଙ୍କର ମିଳିତ ସହାୟତାରେ, ବିଦ୍ୟାଳୟ ପରିଚାଳନାକୁ ଉନ୍ନତ କରିବା ପାଇଁ ଏହା ପଦକ୍ଷେପ ଗ୍ରହଣ କରିଥାଏ ।

### ୮.୫. ବିଦ୍ୟାଳୟ ସହିତ ସରକାରୀ ପ୍ରତିଷ୍ଠାନଗୁଡିକର ପାରସ୍ପରିକ କ୍ରିୟାର ଉଦାହରଣ ସମୂହ

ବାର୍ଷିକ କାର୍ଯ୍ୟ ଯୋଜନା ଓ ବଜେଟ୍‌ର ପ୍ରସ୍ତୁତି :-

ଶିକ୍ଷାଧିକାର ଆଇନର ଧାରା ୨୧ ଅନୁସାରେ ବେସରକାରୀ ବିଦ୍ୟାଳୟ ବ୍ୟତୀତ ପ୍ରତ୍ୟେକ ବିଦ୍ୟାଳୟ ପାଇଁ ଗୋଟିଏ ଲେଖାଁଏ ବିଦ୍ୟାଳୟ ପରିଚାଳନା କମିଟି ଗଠିତ ହେବା ଜରୁରୀ । ସରକାରଙ୍କ ଠାରୁ ଆସିଥିବା ଅର୍ଥ ସଠିକ୍ ପରିଚାଳନା ପାଇଁ, ବିଦ୍ୟାଳୟ ପରିଚାଳନା କମିଟି ଏକ ବିଦ୍ୟାଳୟ ଉନ୍ନତୀକରଣ ଯୋଜନା ପ୍ରସ୍ତୁତ କରିଥାଏ । ଏହି ଯୋଜନାଟି ପ୍ରଧାନ ଶିକ୍ଷକ, ନିର୍ବାଚିତ ଶିକ୍ଷକ ଓ ଅଭିଭାବକ ଓ ଏନ୍.ଜି.ଓ. ପ୍ରତିନିଧିମାନଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥାଏ । ଅତି ସୂକ୍ଷ୍ମ ଯୋଜନାଠାରୁ ଆରମ୍ଭ କରି ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହେଉଥିବା ସମସ୍ତ କାର୍ଯ୍ୟର ଯୋଜନା ଏହି ବିଦ୍ୟାଳୟ ଉନ୍ନତୀକରଣ ଯୋଜନା ମନୋନୀତ କରିଥାଏ । ବ୍ଲକ୍‌ସ୍ତରୀୟ ଯୋଜନାକୁ ଜିଲ୍ଲା ସ୍ତରରେ ମନୋନୀତ କରାଯାଇ ଜିଲ୍ଲା ସ୍ତରୀୟ ଯୋଜନାରେ ପରିଣତ କରାଯାଏ । ବାର୍ଷିକ ଜିଲ୍ଲା ସ୍ତରୀୟ ଯୋଜନା ନିହାତି ଦରକାର । ବାର୍ଷିକ ଯୋଜନା ପ୍ରସ୍ତୁତି ପାଇଁ ପ୍ରତ୍ୟେକ ସ୍ତରରେ କ୍ଷମତା ସୃଷ୍ଟି ହେବା ଦରକାର । ଏହି ଯୋଜନା ପ୍ରସ୍ତୁତି କ୍ଷମତା ଯେତେବେଳେ କେନ୍ଦ୍ର, ରାଜ୍ୟ ଓ ଜିଲ୍ଲା ସ୍ତରରେ କାର୍ଯ୍ୟକାରୀ ହୋଇଥାଏ, ସେତେବେଳେ ବି.ଆର୍.ସି. ଏବଂ ସି.ଆର.ସି. ର ସଂପୃକ୍ତି ଯୋଜନା ପ୍ରସ୍ତୁତିର ମାନଙ୍କୁ ଆହୁରି ଉନ୍ନତ କରିଥାଏ ।

ଟିପ୍ପଣୀ

ଏସ୍.ଏମ୍.ସି. ଦ୍ୱାରା ସେମାନଙ୍କର ଯୋଜନା ପ୍ରସ୍ତୁତି କ୍ଷମତାକୁ ତ୍ୱରାନ୍ୱିତ କରାଯାଇଥାଏ ।

ଅନୁଦାନର ରସିଦ୍ :

ବିଦ୍ୟାଳୟର ସୁପରିଚାଳନା ପାଇଁ, ବିଭିନ୍ନ ଅନୁଦାନ ସର୍ବଶିକ୍ଷା ଅଭିଯାନ ତରଫରୁ ଗ୍ରହଣ କରିଥାଏ । ନିମ୍ନରେ ସର୍ବ ଶିକ୍ଷା ଅଭିଯାନଠାରୁ ବିଦ୍ୟାଳୟ ପାଉଥିବା ଅନୁଦାନର ସାରାଂଶ ବିବରଣୀ ପ୍ରଦାନ କରାଗଲା ।

| ଅନୁଦାନର ପ୍ରକାର ଭେଦ | ବିଶଦ ବିବରଣୀ | ପରିମାଣ |
|---|---|---|
| ଶିକ୍ଷକଙ୍କୁ ଅନୁଦାନ | କମ୍ ଖର୍ଚ୍ଚ ଓ ସାଧାରଣ ଜିନିଷକୁ ବ୍ୟବହାର କରି ସ୍ୱପ୍ରସ୍ତୁତ ଶିକ୍ଷଣ ସାମଗ୍ରୀ ବ୍ୟବହାର କରି ଶ୍ରେଣୀ ଆନନ୍ଦମୟ ଶିକ୍ଷାର୍ଥୀ କୈନ୍ଦ୍ରୀକ ଶ୍ରେଣୀ ପ୍ରକ୍ରିୟା ଗଠନ କରିବା ପାଇଁ ଶିକ୍ଷକମାନଙ୍କୁ ବାର୍ଷିକ କରି ଅନୁଦାନ ପ୍ରଦାନ କରାଯାଇଥାଏ । | ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ସ୍ତରରେ ୫୦୦/- ଲେଖାଁ ପ୍ରତ୍ୟେକ ଶିକ୍ଷକଙ୍କୁ ଦିଆଯାଏ । |
| ବିଦ୍ୟାଳୟ ଅନୁଦାନ (ଏହା କେବଳ ଗ୍ରାମ୍ୟ ଶିକ୍ଷା କମିଟି ବା ବିଦ୍ୟାଳୟ ପରିଚାଳନା କମିଟି ଦ୍ୱାରା ଖର୍ଚ୍ଚ କରାଯାଇଥାଏ ।) | ଅଦରକାରୀ ବା କାମ କରୁନଥିବା ଉପକରଣ ପରିବର୍ତ୍ତନ ଓ ବିଦ୍ୟାଳୟର ସମସ୍ତ ଜରୁରୀ ଉପକରଣ କ୍ରୟ ପାଇଁ ପ୍ରତ୍ୟେକ ବର୍ଷ ସମସ୍ତ ସରକାରୀ ଓ ସରକାରୀ ଅନୁମୋଦିତ ବିଦ୍ୟାଳୟ ଗୁଡିକୁ ଏହି ବିଦ୍ୟାଳୟ ଅନୁଦାନ ମିଳିଥାଏ । | ୫୦୦୦/ - ପ୍ରାଥମିକ ବିଦ୍ୟାଳୟ ଓ ୭୦୦୦/ - ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ବାର୍ଷିକ ଭାବେ ମିଳିଥାଏ । ଗୋଟିଏ ପରିସରରେ ରହିଲେ ମଧ୍ୟ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଭିନ୍ନ ଭିନ୍ନ ଭାବେ ଚର୍ଚ୍ଚା କରାଯାଏ । |
| ବିଦ୍ୟାଳୟ ରକ୍ଷଣବେକ୍ଷଣା ପାଇଁ ଅନୁଦାନ (ଏହା କେବଳ ଭି.ଇ.ସି. ଦ୍ୱାରା ଖର୍ଚ୍ଚ କରାଯାଇ ପାରିବ) | ବିଦ୍ୟାଳୟ ଭିତ୍ତି ସଂରଚନାର ପୁନଃ ନିର୍ମାଣ ଓ ମରାମତି ଓ ରକ୍ଷଣା ବେକ୍ଷଣା ପାଇଁ ଏହି ଅନୁଦାନ ପ୍ରତି ବର୍ଷ ବିଦ୍ୟାଳୟକୁ ମିଳିଥାଏ । | ୩ଟି ଶ୍ରେଣୀ କକ୍ଷ ଥିବା ବିଦ୍ୟାଳୟକୁ ୫୦୦୦/- ପର୍ଯ୍ୟନ୍ତ ଓ ୩ ରୁ ଉର୍ଦ୍ଧ୍ୱ ଶ୍ରେଣୀ କକ୍ଷ ଥିବା ବିଦ୍ୟାଳୟ ଗୁଡିକୁ ବାର୍ଷିକ ୧୦,୦୦ / - ପର୍ଯ୍ୟନ୍ତ ଅନୁଦାନ ମିଳିଥାଏ । (ବିଦ୍ୟାଳୟର ଅବସ୍ଥାନୁସାରେ ୭୫୦୦/-ପର୍ଯ୍ୟନ୍ତ ଅନୁଦାନ ବାର୍ଷିକ ଯୋଗାଇ ଦିଆଯିବାର ବ୍ୟବସ୍ଥା ରହିଛି । |
| ଆସବାବପତ୍ର (ଗ୍ରାମ୍ୟ ଶିକ୍ଷା କମିଟି / ବିଦ୍ୟାଳୟ ପରିଚାଳନା କମିଟି ବା ଏତାଦୃଶ ଅନୁଷ୍ଠାନ ଦ୍ୱାରା ବିଦ୍ୟାଳୟକୁ ଯୋଗାଇ ଦିଆଯାଇଥାଏ ।) | ନିମ୍ନ ସର୍ତ୍ତାନୁସାରେ ବା ଆବଶ୍ୟକ ଅନୁସାରେ ଆଦୌ ଆସବାବପତ୍ର ନଥିବା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଗୁଡିକୁ ଆସବାବ | ଯେହେତୁ ସେମାନଙ୍କୁ ପ୍ରାରମ୍ଭିକ ଭାବେ ୫୦,୦୦୦/- ଯୋଗାଇ ଦିଆଯାଇଥାଏ । |

ଟିପ୍ପଣୀ

| | | |
|---|---|---|
| | ୨୦୦୧ ମସିହାଠାରୁ ସର୍ବ ଶିକ୍ଷା ଅଭିଯାନ ଅଧୀନରେ ମଞ୍ଜୁର ହୋଇଥିବା ନୂତନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଗୁଡିକରେ ଏହି ଆସବାବପତ୍ର ଜନିତ ଅର୍ଥରାଶିକୁ ବ୍ୟବହାର କରାଯିବ ନାହିଁ । | |
| ପାଠାଗାର/ ଗ୍ରନ୍ଥାଗାର | ଆଦୌ ପାଠାଗାର ନଥିବା ସରକାରୀ ବିଦ୍ୟାଳୟ ଗୁଡିକୁ ଏହି ସୁବିଧା ଯୋଗାଇ ଦିଆଯାଇଥାଏ । ଯେହେତୁ ନୂତନ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଗୁଡିକ ଏଥିପାଇଁ **TLE** ଅନୁଦାନକୁ ବ୍ୟବହାର କରିଥାନ୍ତି । ତେଣୁ ଏହି ବିଦ୍ୟାଳୟ ଗୁଡିକୁ ପାଠାଗାର ପାଇଁ ଅନୁଦାନ ପ୍ରଦାନ କରାଯାଇ ନଥାଏ । | ୩୦୦୦ ପ୍ରାଥମିକ ବିଦ୍ୟାଳୟକୁ ଓ ୧୦,୦୦୦/ - ଉଚ୍ଚ ପ୍ରାଥମିକ ବିଦ୍ୟାଳୟକ ଥରଟିଏ ମିଳିଥାଏ । ମିଶ୍ରିତ ପ୍ରାଥମିକ ବିଦ୍ୟାଳୟ କ୍ଷେତ୍ରରେ ୧୩୦୦୦/- ଟଙ୍କା ଥର ଟିଏ ଅନୁଦାନ ମିଳିଥାଏ । |

ବିଦ୍ୟାଳୟ ପରିଦର୍ଶନ ଓ ତଦାରଖ :

ବର୍ଷକୁ ଅନ୍ତତଃ ଦୁଇଥର ବିଦ୍ୟାଳୟ ପରିଦର୍ଶନ କରିବାକୁ ଯାଇପାରୁଥିବା ସହକାରୀ ଶିକ୍ଷାଧିକାରୀଙ୍କର ଏକ ଦଳ ପ୍ରତ୍ୟେକ ବ୍ଲକ ଶିକ୍ଷାଧିକାରୀଙ୍କ ପାଖରେ ରହିବା ଆବଶ୍ୟକ । ଏହି ଦଳ ଶିକ୍ଷକ ଓ ପ୍ରଧାନ ଶିକ୍ଷକଙ୍କ ଦ୍ୱାରା ପୂରଣ ହେଉଥିବା ନଥି ଓ ବିଦ୍ୟାଳୟର ଅବସ୍ଥା ଓ ସ୍ଥିତିକୁ ଅନୁଧ୍ୟାନ କରିଥାଏ । ଏହି ଦଳ ନିହାତି ଭାବେ ପାନୀୟ ଜଳ, ଶୌଚାଳୟର ବ୍ୟବହାର ଓ ଉପଯୋଗୀତା, ମଧ୍ୟାହ୍ନ ଭୋଜନ ରନ୍ଧନ ଗୃହ ଓ ବିଦ୍ୟାଳୟ ପାଚେରୀର ଅବସ୍ଥା ଉପରେ ବିଶେଷ ଗୁରୁତ୍ୱ ଦେଇଥାଏ ।

**BRC** ଓ **CRC** ର ସଦସ୍ୟମାନେ ବିଦ୍ୟାଳୟକୁ ନିୟମିତ ପରିଭ୍ରମଣ କରି ଶିକ୍ଷକମାନଙ୍କୁ ଆବଶ୍ୟକୀୟ ପାଠ୍ୟକ୍ରମ ଉପଯୋଗୀ ସହାୟତା ପ୍ରଦାନ କରିବା ଉଚିତ୍ ।

**DISE** ତଥ୍ୟ ସଂଗ୍ରହ ଓ ବ୍ୟବହାର :

ଜିଲ୍ଲା ଶିକ୍ଷା ତଥ୍ୟାବଳୀ ବ୍ୟବସ୍ଥା

**DISE**ଏକ ବିଦ୍ୟାଳୟ ସ୍ତରୀୟ ପରିସଂଖ୍ୟାନ ବ୍ୟବସ୍ଥା । ଏହା **UNICEF** ସହାୟତାରେ ୧୯୯୫ ମସିହାରେ **NIEPA** ଦ୍ୱାରା ଆରମ୍ଭ କରାଯାଇଥିଲା । **DISE** ସାଧାରଣତଃ ବିଦ୍ୟାଳୟ ସ୍ତରୀୟ ସମସ୍ତ ତଥ୍ୟ ପ୍ରଦାନ କରିଥାଏ । ଯଥା :- **(Boys/ Girls/ SC/ST)**ମାନଙ୍କର ଉପସ୍ଥିତି । ବିଦ୍ୟାଳୟ ଭିତ୍ତି ସରଂଚନା ଜନିତ ବ୍ୟବସ୍ଥା **DISE( Library Girl / Boys & Common Toilet, Play ground, drinking water etc).**

ଏହି **DISE** ଦ୍ୱାରା ସଂଗ୍ରହ କରାଯାଉଥିବା ତଥ୍ୟକୁ ଆଧାର କରି ବିଦ୍ୟାଳୟର ବାର୍ଷିକ କାର୍ଯ୍ୟ ଯୋଜନା ଓ ବଜେଟ୍ ଜିଲ୍ଲା ଓ ରାଜ୍ୟ ସ୍ତରରେ ପ୍ରସ୍ତୁତ କରାଯାଇଥାଏ ।

ପ୍ରାଥମିକ ବିଦ୍ୟାଳୟ ସ୍ତରରେ ସଂଗୃହୀତ ହୋଇଥିବା ସାଧାରଣ ତଥ୍ୟ ଗୁଡିକ **BEO / BRCC** ଙ୍କ ଦ୍ୱାରା ଯାଞ୍ଚ କରାଯାଇ ଜିଲ୍ଲା **DISEMIS in - charge / DPEP Project Co - ordinator** ଙ୍କ ପାଖକୁ ପଠାଯାଇଥାଏ ।

ଟିପ୍ପଣୀ

ନିଯୁକ୍ତି ଓ ପ୍ରଶିକ୍ଷଣ :

ଶିକ୍ଷାଗତ ଯୋଗ୍ୟତା ଆଧାରରେ ଶିକ୍ଷକ ନିଯୁକ୍ତି କରିବାପାଇଁ କେନ୍ଦ୍ର ସରକାର, **NCTE** ଅନୁଷ୍ଠାନ ଗଠନ କରିଛନ୍ତି । ଅନୁଷ୍ଠାନ ଗୁଡିକ ଶିକ୍ଷା ଉତ୍ସ କେନ୍ଦ୍ରଭାବେ କାର୍ଯ୍ୟ କରିଥାଏ । ଉଭୟ ପ୍ରାକ ସେବାକାଳୀନ ଓ ସେବାକାଳୀନ ପ୍ରଶିକ୍ଷଣ **DIET** ର ପ୍ରଶିକ୍ଷକମାନେ ଯୋଗାଇ ଦେଇଥାନ୍ତି । **BRC** ଓ **CRC** ର ସଂଯୋଜକମାନେ ମଧ୍ୟ ବିଦ୍ୟାଳୟକୁ ସହାୟକ ସହାୟତା ଦେବା ସହିତ ଶିକ୍ଷକମାନଙ୍କୁ ସେବାକାଳୀନ ପ୍ରଶିକ୍ଷଣ ଯୋଗାଇ ଦେଇଥାନ୍ତି ।

## ୮.୬. ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଶୈକ୍ଷିକ ପ୍ରତିଷ୍ଠାନ ସମୂହ :

ଜାତୀୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ (ଏନ୍.ସି.ଆର୍.ଟି.)

ଭାରତ ସରକାରଙ୍କ ଦ୍ୱାରା ଗଠିତ ଜାତୀୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ ଏକ ସ୍ୱୟଂଶାସିତ ଅନୁଷ୍ଠାନ । ୧୯୬୧ ମସିହାରେ ଗଠିତ ଏହି ଅନୁଷ୍ଠାନ ବିଦ୍ୟାଳୟ ଶିକ୍ଷାର ଗୁଣାତ୍ମକ ଅଭିବୃଦ୍ଧି ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ପରାମର୍ଶ ଓ ଦିଗଦର୍ଶନ ଦେଇ ଆସୁଛି । ଏହି ପରିଷଦର ମୁଖ୍ୟ ଉଦ୍ଦେଶ୍ୟ ଗୁଡିକ ହେଲା:-

- ବିଦ୍ୟାଳୟ ଶିକ୍ଷା ସମ୍ପର୍କିତ ବିଭିନ୍ନ କ୍ଷେତ୍ରରେ ଗବେଷଣା କରିବା ।

- ବିଦ୍ୟାଳୟ ସ୍ତର ପାଇଁ ପାଠ୍ୟ ପୁସ୍ତକ, ସହାୟକ ପୁସ୍ତକ, ସମାଚାର, ପତ୍ରିକା, ଶିକ୍ଷା ସମ୍ବନ୍ଧୀୟ ପତ୍ରିକା ଆଦି ପ୍ରସ୍ତୁତ କରିବା ।

- ପ୍ରାକ୍ ସେବା କାଳୀନ ଓ ସେବାକାଳୀନ ଶିକ୍ଷକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସଂଗଠିତ କରିବା ।

-ରାଜ୍ୟ ଶିକ୍ଷା ବିଭାଗ, ବିଶ୍ୱବିଦ୍ୟାଳୟ, ବେସରକାରୀ ସଂସ୍ଥା ଏବଂ ଅନ୍ୟାନ୍ୟ ଶିକ୍ଷାନୁଷ୍ଠାନ ସହ ସଂଯୋଗ ସ୍ଥାପନ କରିବା ।

-ପ୍ରାରମ୍ଭିକ ଶିକ୍ଷାର ସାର୍ବଜନୀନୀକରଣ ଲକ୍ଷ୍ୟ ହାସଲ କରିବା ।

ଜାତୀୟ ଶିକ୍ଷକ - ଶିକ୍ଷା ପରିଷଦ :

ଜାତୀୟ ଶିକ୍ଷକ ଶିକ୍ଷା ପରିଷଦ ଆଇନ ୧୯୭୩ ଅନୁଯାୟୀ ୧୯୯୫ ମସିହାରେ ଜାତୀୟ ଶିକ୍ଷକ ଶିକ୍ଷା ପରିଷଦକୁ ସ୍ୱୟଂ ସମ୍ପୂର୍ଣ୍ଣ କ୍ଷମତା ପ୍ରଦାନ କରାଗଲା । ଏହା ପୂର୍ବରୁ ୧୯୭୩ ମସିହାଠାରୁ ଶିକ୍ଷକ ଶିକ୍ଷା କ୍ଷେତ୍ରରେ କେନ୍ଦ୍ର ସରକାରଙ୍କ ପରାମର୍ଶଦାତା ବୋର୍ଡ ଭାବେ ଜାତୀୟ ଶୈକ୍ଷିକ ଗବେଷଣା ଓ ପ୍ରଶିକ୍ଷଣ ପରିଷଦର ଏକ ବିଭାଗ ରୂପେ କାର୍ଯ୍ୟ କରୁଥିଲା । ଭାରତରେ ଶିକ୍ଷକ ଶିକ୍ଷା ବ୍ୟବସ୍ଥା ସମ୍ପର୍କିତ ନୀତି, ନିୟମ ପ୍ରଣୟନରେ ପରାମର୍ଶ ଦେବା ଓ ଶିକ୍ଷକ - ଶିକ୍ଷାର ମାନ ବଜାୟ ରଖିବା ଏହାର ପ୍ରମୁଖ କାର୍ଯ୍ୟ ।

ଭୂମିକା :-

ଜାତୀୟ ଶିକ୍ଷକ ଶିକ୍ଷା ପରିଷଦ ନିମ୍ନଲିଖିତ କାର୍ଯ୍ୟମାନ ସଂପାଦନ କରିଥାଏ ।

- ଶିକ୍ଷକ ଶିକ୍ଷାର ବିଭିନ୍ନ ଦିଗ ଉପରେ ସର୍ବେକ୍ଷଣ କରିବା ଓ ଗବେଷଣା କରିବା ।

-ଶିକ୍ଷକ ଶିକ୍ଷା ପାଇଁ ଉପଯୁକ୍ତ ଯୋଜନା ଓ କାର୍ଯ୍ୟକ୍ରମ ପ୍ରସ୍ତୁତ କରି କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କୁ ଅବଗତ କରାଇବା ।

-ଦେଶରେ ଶିକ୍ଷକ ଶିକ୍ଷା ବିକାଶକୁ ତଦାରଖ କରିବା ।

- ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି ପାଇଁ ସର୍ବନିମ୍ନ ଯୋଗ୍ୟତା ସ୍ଥିର କରିବା ।





- ଶିକ୍ଷକ ଶିକ୍ଷା ପାଠ୍ୟକ୍ରମ ଓ ପ୍ରଶିକ୍ଷଣର ମାନ ନିର୍ଦ୍ଧାରଣ କରିବା ।

- ଶିକ୍ଷକ ଶିକ୍ଷା ପାଠ୍ୟକ୍ରମର ଅବଧି, ନାମଲେଖା ପ୍ରକ୍ରିୟା, ପରୀକ୍ଷା ପଦ୍ଧତି ଇତ୍ୟାଦି ଦିଗରେ ମାନ ନିର୍ଦ୍ଧାରଣ କରିବା ଓ ପ୍ରତି ରାଜ୍ୟକୁ ଏହି ବିଷୟରେ ଆବଶ୍ୟକ ନିର୍ଦ୍ଦେଶାବଳୀ ଦେବା ।

- ଶିକ୍ଷକ ଶିକ୍ଷାନୁଷ୍ଠାନକୁ ସ୍ୱୀକୃତି ଦେବା ଏବଂ ଶିକ୍ଷକ ବିକାଶ କାର୍ଯ୍ୟକ୍ରମ ପାଇଁ ନୂତନ ଅନୁଷ୍ଠାନ ପ୍ରତିଷ୍ଠା କରିବା ।

-ଶିକ୍ଷକ ଶିକ୍ଷା ଅନୁଷ୍ଠାନକୁ ପରିଦର୍ଶନ କରି ମାନ ନିରୀକ୍ଷଣ କରିବା ଓ ଉପଯୁକ୍ତ ପରାମର୍ଶ ଦେବା ।

ଜାତୀୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ **(NCPCR)** ୨୦୦୫ ଶିଶୁ ଅଧିକାର ସୁରକ୍ଷା ଆଇନ ଅଧିନରେ ମାର୍ଚ୍ଚ ୨୦୦୭ରେ **NCPCR** ଗଠନ କରାଯାଇଥିଲା । ଭାରତୀୟ ସମ୍ବିଧାନ ଅନୁସାରେ ଶିଶୁ ଅଧିକାରର ସୁରକ୍ଷା ପାଇଁ ବିଭିନ୍ନ ନିତୀ, ନିୟମ ଓ ଆଇନ କାର୍ଯ୍ୟକାରୀ କରାଇବା ପାଇଁ କେନ୍ଦ୍ର **NCPCR** ଓ ରାଜ୍ୟରେ **NCPCR** କାର୍ଯ୍ୟ କରୁଛି ।

ଭୂମିକା :

- ଶିଶୁ ଶିକ୍ଷାଗତ ଅଧିକାରକୁ ଅନୁଧ୍ୟାନ କରିବା ।

-ଶାରିରୀକ, ମାନସିକ, ସାମାଜିକ ଇତ୍ୟାଦି କ୍ଷେତ୍ରରେ ସ୍ୱତନ୍ତ୍ର ଯତ୍ନ ନେବା ।

ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ **(SCERT)** :

୧୯୬୪ ମସିହାରୁ କାର୍ଯ୍ୟକରି ଆସୁଥିବା ରାଜ୍ୟ ଶିକ୍ଷା ପ୍ରତିଷ୍ଠାନ ଉନ୍ନତୀ ହୋଇ ୧୯୭୮ ମସିହାରେ ରୂପେ କାର୍ଯ୍ୟକଲା । ପରବର୍ତ୍ତୀ ସମୟରେ ୧୯୯୦ ମସିହାରେ ଏହାକୁ ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଓ ରାଜ୍ୟ ଶିକ୍ଷା ଗବେଷଣା ନାମରେ ନାମିତ କରାଗଲା ।

ମୁଖ୍ୟ କାର୍ଯ୍ୟାବଳୀ:

-ଶିକ୍ଷକ , ଶିକ୍ଷକ ପ୍ରଶିକ୍ଷକମାନଙ୍କ ପାଇଁ ସେବାକାଳୀନ ପ୍ରଶିକ୍ଷଣର ଆୟୋଜନ କରିବା ।

- ନୂତନ ଶିକ୍ଷା ପ୍ରଣାଳୀ ଓ ପ୍ରକ୍ରିୟାକୁ କାର୍ଯ୍ୟକାରୀ କରିବା ।

- **DIET** ର ସହାୟତା ପାଇବା ପାଇଁ ସମ୍ପର୍କ ସ୍ଥାପନା କରିବା ।

-ବିଭିନ୍ନ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନ ଓ ଫଳବର୍ତ୍ତୀ କରାଇବା ପାଇଁ ମଧ**TLM** ଉନ୍ନତୀ କରଣ କରାଇବା ।

- ଅନ୍ୟାନ୍ୟ ରାଜ୍ୟର ଶିକ୍ଷା ପରିଷଦ, **NCERT, NIEPA** ଇତ୍ୟାଦି ସହ ସଂପର୍କ ସ୍ଥାପନ କରିବା ।

ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ:

୨୦୦୫ ଶିଶୁ ସୁରକ୍ଷା ଆଇନ ଅନୁସାରେ ପ୍ରତ୍ୟେକ ରାଜ୍ୟରେ **SIPCR** ଆୟୋଗର ମୂଳ ଉଦ୍ଦେଶ୍ୟ ସାଧନ ପାଇଁ ଗଠନ କରାଯିବ । ଏହି ଆୟୋଗରେ ଜଣେ ଅଧକ୍ଷ, ୬ ଜଣ ସଦସ୍ୟ ରହିଥାନ୍ତି । ଏହି ଆୟୋଗରେ ଅନ୍ତତଃ ଜଣେ ମହିଳା ସଦସ୍ୟ ରହିବା ଅନିର୍ବାର୍ଯ୍ୟ ।

ଟିପ୍ପଣୀ

ଜିଲ୍ଲା ପ୍ରାଥମିକ ଶିକ୍ଷା ଅଧିକାରୀ:

ପ୍ରତ୍ୟେକ ଜିଲ୍ଲାରେ ପ୍ରାଥମିକ ଶିକ୍ଷାର ଉପଯୁକ୍ତ କାର୍ଯ୍ୟକାରିତା ପାଇଁ ଜଣେ ଜିଲ୍ଲା ପ୍ରାଥମିକ ଶିକ୍ଷା ଅଧିକାରୀ ନିଯୁକ୍ତ ହୋଇଥାନ୍ତି ।

କାର୍ଯ୍ୟ:

-୧୪ ବର୍ଷ ହେବା ପର୍ଯ୍ୟନ୍ତ ପ୍ରତ୍ୟେକ ଶିଶୁର ବିକାଶ ସାଧନକୁ ଲିପିବଦ୍ଧକରଣ କରିବା ।

- କ୍ଷେତ୍ର ପରିଭ୍ରମଣ ଓ ଅନୁଧ୍ୟାନ କରି, ଜିଲ୍ଲାର ସମସ୍ତ ବିଦ୍ୟାଳୟର କାର୍ଯ୍ୟକାରିତାକୁ ତଦାରଖ କରିବା ।

- ଜିଲ୍ଲାରେ ଥିବା ସମସ୍ତ ବିଦ୍ୟାଳୟ, ଶିକ୍ଷକ, ଶିକ୍ଷକ ନିଯୁକ୍ତି, ଶିକ୍ଷକ ବଦଳି ଇତ୍ୟାଦି କାର୍ଯ୍ୟକୁ ତ୍ୱରାନ୍ୱିତ କରାଇବା ।

ଜିଲ୍ଲା ଶିକ୍ଷକ ପ୍ରଶିକ୍ଷଣ ପ୍ରତିଷ୍ଠାନ **(DIET)**

ଜାତୀୟ ଶିକ୍ଷାନୀତି **(NPE)** ର ସୁପାରିଶ ଅନୁଯାୟୀ, କେନ୍ଦ୍ର ସରକାର ୧୯୮୯ ମସିହା ଅକ୍ଟୋବର ମାସରେ **(DIET)** ର ବ୍ୟବସ୍ଥା କରିଥିଲେ । ଜିଲ୍ଲା ସ୍ତରରେ ପ୍ରାରମ୍ଭିକ ଶିକ୍ଷାର ଗୁଣାତ୍ମକମାନ ବୃଦ୍ଧି କରିବ । ଏହାର ପ୍ରଧାନ କାର୍ଯ୍ୟ ।

କାର୍ଯ୍ୟାବଳୀ :-

- ଜିଲ୍ଲା ସ୍ତରରେ ପ୍ରାରମ୍ଭିକ ଶିକ୍ଷାର ଗୁଣାତ୍ମକ ମାନବୃଦ୍ଧିରେ ସହାୟକ ହେବା ।

- ପ୍ରାକ ସେବାକାଳୀନ ପ୍ରଶିକ୍ଷଣ ପ୍ରଦାନ କରିବା ।

-ଜିଲ୍ଲାରେ ପ୍ରାଥମିକ ଶିକ୍ଷାର ଉନ୍ନତି ପାଇଁ ଯୋଜନା କରିବା ।

-ଜିଲ୍ଲା ଓ ବ୍ଲକ ସ୍ତରରେ ସାଧନ ଗୋଷ୍ଠୀଙ୍କର ଦକ୍ଷତା ବୃଦ୍ଧି କରିବା ।

ଅନ୍ୟାନ୍ୟ ଅନୁଷ୍ଠାନର ଭୂମିକା:

କ.**SMC& PRIs** ର କାର୍ଯ୍ୟକ୍ଷମତା ବୃଦ୍ଧି ପାଇଁ ନିୟମିତ ପ୍ରଶିକ୍ଷଣ ।

ଖ. **SSA** ଦ୍ୱାରା ଆୟୋଜନ କରାଯାଉଥିବା କାର୍ଯ୍ୟକ୍ରମର ପ୍ରଭାବ, ଶିକ୍ଷାନୀତିର ଗବେଷଣା, ଯୋଜନା ଓ କାର୍ଯ୍ୟକାରିତା ।

ଗ. ଅନ୍ୟାନ୍ୟ ଶିକ୍ଷାନୁଷ୍ଠାନ ଦ୍ୱାରା ବିଦ୍ୟାଳୟ, ପ୍ରଶିକ୍ଷଣ କେନ୍ଦ୍ର, ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ପାଠ୍ୟକ୍ରମ ଇତ୍ୟାଦିର ଅନୁଧ୍ୟାନ, ପରୀକ୍ଷଣ ଓ ମୂଲ୍ୟାୟନ କରିବା ।

ଘ. ଝିଅ ପିଲା ଓ ଅନ୍ୟାନ୍ୟ ଅନୁନ୍ନତ ପିଲାମାନଙ୍କର ଶିକ୍ଷା ଗ୍ରହଣ ଓ ଉପସ୍ଥାନ ପାଇଁ ସାମାଜିକ ମାନସିକତାରେ ପରିବର୍ତ୍ତନ କରାଇବା ।

## ୮. ପ୍ରଧାନ ଶିକ୍ଷକ ଓ ଅନ୍ୟ ଶିକ୍ଷକଙ୍କ ସାମାଜିକ ଭୂମିକା:

ସମାଜ କଲ୍ୟାଣ ପାଇଁ ଉଭୟ ଶିକ୍ଷା, ଶିକ୍ଷକ ଓ ବିଦ୍ୟାଳୟର ଭୂମିକା ଗୁରୁତ୍ୱପୂର୍ଣ୍ଣ । ସେଥିପାଇଁ **RTE** ଶିକ୍ଷକ, ନିଯୁକ୍ତି, ଶିକ୍ଷକ ଯୋଗ୍ୟତା ଓ ପ୍ରଶିକ୍ଷଣ ଉପରେ ଗୁରୁତ୍ୱ ଦେଇଥାଏ । **RTE** ମଧ୍ୟ ଶିକ୍ଷକଙ୍କ ଦାୟିତ୍ୱ ଓ ଭୂମିକା ନିର୍ଦ୍ଧାରଣ କରିଥାଏ ।

ଟିପ୍ପଣୀ

କ. ବିଦ୍ୟାଳୟ କାର୍ଯ୍ୟଧାରାର ଉପଯୁକ୍ତ ପରିଚାଳନା ଓ ଗୁଣାତ୍ମକ ଶିକ୍ଷାର ଉନ୍ନତି ନିମନ୍ତେ ସାମାଜିକ ସହାୟତାକୁ ପ୍ରୋତ୍ସାହନ ଯୋଗାଇବା ।

ଖ. ସାମାଜିକ ଓ ଶିକ୍ଷାଗତ, ଅନୁନ୍ନତ ପିଲାମାନଙ୍କର ଉପସ୍ଥାନ ଓ ଶିକ୍ଷାଗ୍ରହଣର ସଂଖ୍ୟାବୃଦ୍ଧି ପାଇଁ ଅଭିଭାବକ ଓ ସମାଜର ଅନ୍ୟାନ୍ୟ ସଦସ୍ୟମାନଙ୍କୁ ବିଦ୍ୟାଳୟ କାର୍ଯ୍ୟକ୍ରମ ଅର୍ନ୍ତଭୁକ୍ତ କରାଇବା ।

ଗ.ଶିଶୁ ସୁରକ୍ଷାର ପ୍ରସାର ଓ ଲିଙ୍ଗ ଭେଦ ଅସମାନତା ଦୂରୀକରଣ ଓ ଭ୍ରାତୃଭାବ ପ୍ରତିଷ୍ଠା କରିବା ।

ଘ.ସମସ୍ତ ସରକାରୀ ନୀତି, ନିୟମ ଓ କାର୍ଯ୍ୟକ୍ରମ ବାବଦରେ ଜନଜାଗରଣ ସୃଷ୍ଟି କରାଇବା ।

ଙ.ଶିକ୍ଷା, ସ୍ୱାସ୍ଥ୍ୟ, ସୁରକ୍ଷା, ଶୌଚ ଇତ୍ୟାଦି ବାବଦରେ ଉପାଦେୟ ଉପଦେଶ ପ୍ରଦାନ କରିବା ନିମନ୍ତେ ବିଭିନ୍ନ ସାମାଜିକ ସଭା ଓ କାର୍ଯ୍ୟକ୍ରମର ଆୟୋଜନ କରାଇ ସମାଜର ସମସ୍ତ ସଦସ୍ୟମାନଙ୍କୁ ଅନ୍ତର୍ଭୁକ୍ତ କରାଇବା ।

## ୮.୯. ସାଂରାଶ

ଭାରତରେ ଶିକ୍ଷାର ଉନ୍ନତି ପାଇଁ ବିଭିନ୍ନ ଆଇନ, ନୀତି ଓ ନିୟମ ସବୁ କାର୍ଯ୍ୟକାରୀ କରାଯାଇଛି । NPE (1968 & 86) ଓ POA(1992) ଇତ୍ୟାଦିକୁ ସାର୍ବଜନୀନ ପ୍ରାଥମିକ ଶିକ୍ଷାର ପ୍ରସାର ପାଇଁ ଗଠନ କରାଯାଇଛି । ପ୍ରାଥମିକ ଶିକ୍ଷାକୁ ସାର୍ବଜନୀନ କରାଇବା ପାଇଁ ବିଭିନ୍ନ ଯୋଜନାମାନ କାର୍ଯ୍ୟକାରୀ କରାଯାଇଛି ଯଥା:- କଳାପଟା ଅଭିଯାନ, ମଧ୍ୟାହ୍ନଭୋଜନ, DPEP ୨୦୦୨ ମସିହାରେ ୮୬ ତମ ସମ୍ବିଧାନ ସଂଶୋଧନ କରାଯାଇ ୬ ରୁ ୧୪ ବର୍ଷ ବୟସ ପର୍ଯ୍ୟନ୍ତ ପିଲାଙ୍କୁ ବାଧ୍ୟତାମୂଳକ ଓ ମାଗଣା ଶିକ୍ଷାଦାନ ବ୍ୟବସ୍ଥା କରାଯାଇଛି ।

ଶିକ୍ଷାର ମୂଳ ଉଦ୍ଦେଶ୍ୟ ଓ ଲକ୍ଷ ପୂରଣ କରିବା ପାଇଁ ସରକାରୀ, ବେସରକାରୀ, କେନ୍ଦ୍ର ଓ ରାଜ୍ୟ ସ୍ତରରେ ବିଭିନ୍ନ ଅନୁଷ୍ଠାନମାନ କାର୍ଯ୍ୟ କରୁଛନ୍ତି । ଉଦାହରଣ -

NCERT, NCTE, SCERT, NCPCR, SCPCR ଇତ୍ୟାଦି ।

## ୮.୧୦. ଅତିରିକ୍ତ ଅଧ୍ୟୟନ ପାଇଁ ପୁସ୍ତକ ସୂଚୀ


- Role of various agencies under Sarva Siksha Abhiyan. http// ssa.nic.in/Accessed on 26th November 2011.
- Relationship between Right to Education & Sarva Siksha Abhiyan RTE - SSA - final Report (I).
- Overview of the education system in India. http://www.education. nic. in.Accessed on 26th November 2011.
- Role of voluntary organizations in helping schools & government in implementing the Programmes under Serva Siksha Abhiyan. www.pratham.org on 1st December 2011.
- Sample of the DISE report Card & how it can be utilized by teachers. http:// www.dise.in/Accessed on 2nd December 2011.
- About NIERT's Role in elementary education. http:// aises. nic. in / about ncert. Accesed on 1st december 2011.
- Role NIPIR protecting right of children in schools.http:// NIPIR. gog.in / Accessed on 1st december 2011.

ଟିପ୍ପଣୀ


- CHHENAI, October 20, 2011, Grivance redresc mechanism for child rights cases soon. http: // www. the hindu. com / news/ cities / chennai / article 2554381. ece. http: // www. childline India. org.in / State. Commission - on- the protection - of - child - Right. htm.
- www. School report cards. in / About dise. html Accessed on 7th December 2011.
- Responsibilition of school, http: // rte monitoring cell. into / rte - Primer- responsbilities - of - schools / Accssed on 7th December 2011.
- District Elementary Education Office, http: // Ludhiana. nic. in / dept / dept. deo. etc.html. Accessed on 7th December 2011.


## ୮.୧୧. ପାଠାନ୍ତ ପ୍ରଶ୍ନାବଳୀ

୧. SSA ର କାର୍ଯ୍ୟାବଳୀ ଆଲୋଚନା କର ।

୨.CRC ଗୁଡିକର ଭୂମିକା ବର୍ଣ୍ଣନା କର ।

୩. ସଂକ୍ଷିପ୍ତ ଟିପ୍ପଣୀ ପ୍ରଦାନ କର ।

NCERT

NITE

SCERT

DIET